# ସତ୍ୟବାକ୍ୟ

# THE WORD OF TRUTH

JANUARY & FEBRUARY 2017

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

*Edited and Published By*

***Joshua & Kabita Gootam***

## CHURCH OF CHRIST

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-22. JAN &-FEB 2017. No-1**

*Published every two months in **Oriya** langage for the Restoration of the pure New Testiment Christianity*

## MEASURING BY GOD'S STANDARD

**Text** : "Do ye look on things after the outward appearance if any man trust to himself that he is Christ's, let him of himself think this again, that, as he is christ's, even so are we Christ's (2 Cor. 10:7)"

**Thesis :** To study the God's standard of judgment.

**Introduction :**

1. As God's people we must not judge others by the standards of the world.
2. We must judge by the standards of the word of God.
3. In this sermon we shall study three aspects of judging others from the scriptures :

A. God's standard of measure.

B. Right standard to judge others.

C. Right standard to compare ourselves.

# ସତ୍ୟବାଣୀ

# VOICE OF TRUTH

VOL - XXIII KAKINADA MAY-JUN-2017


## ମେଷଶାବକଙ୍କ ଜୀବନ ଗ୍ରନ୍ଥ
## (The Lamp's Book of Life)

ଯୀଶୁଖ୍ରୀଷ୍ଟ, ଯିରୁଶାଲମକୁ ତାହାଙ୍କ ଶେଷ ଯାତ୍ରା ପୂର୍ବେ, ସେ ଆପଣା ଶିଷ୍ୟମାନଙ୍କ ମଧ୍ୟରୁ ୭୦ ଜଣକୁ ମନୋନୀତ କରି ସେଠାକୁ ପଠାଇଥିଲେ । ଅନେକ ସେମାନଙ୍କ ବିରୋଧ କରିବେ ବୋଲି ସେ ସେମାନଙ୍କୁ ସତର୍କ କରିଥିଲେ । 'ବାଘ'ମାନଙ୍କ ମଧ୍ୟକୁ 'ମେଣ୍ଢାଛୁଆ'ମାନଙ୍କୁ ସେ ପଠାଇଥିଲେ । (ଲୂକ ୧୦:୩) । ସେ ସେମାନଙ୍କୁ ତାହାଙ୍କ ନାମରେ ଆଶ୍ଚର୍ଯ୍ୟକର୍ମ କରିବାକୁ, ପୀଡ଼ିତମାନଙ୍କୁ ସୁସ୍ଥ କରିବାକୁ ଅଧିକାର ଦେଇଥିଲେ । (ଲୂକ ୧୦:୧-୧୦)

ଖ୍ରୀଷ୍ଟଙ୍କ ଅନୁଚରମାନେ ସୁସମାଚାର ଯାତ୍ରା ପରେ ସଫଳ ପାଇ, ଆନନ୍ଦରେ ଯୀଶୁଙ୍କ ନିକଟକୁ ଫେରିଆସିଲେ, ''ଏଥି ଉତ୍ତାରେ ସେ ସତୁରୀ ଜଣ ବାହୁଡ଼ି ଆସି ଆନନ୍ଦରେ କହିଲେ,''ପ୍ରଭୋ ଭୂତମାନେ ସୁଦ୍ଧା ଆପଣଙ୍କ ନାମରେ ଆମ୍ଭମାନଙ୍କ ବଶୀଭୂତା ଅଟନ୍ତି ।'' (ଲୂକ ୧୦:୧୭) ଶିଷ୍ୟମାନଙ୍କ ଦ୍ୱାରା ଅନେକ ଉତ୍ତମ କାର୍ଯ୍ୟ ସାଧିତ ହୋଇଅଛି ବୋଲି ଯୀଶୁ ଜାଣିଥିଲେ । ଭୂତମାନେ ସେମାନଙ୍କ ବଶୀଭୂତ ହୋଇଥିଲେ । କିନ୍ତୁ ଯୀଶୁ ସେମାନେ ଅଧିକ ଶ୍ରେଷ୍ଠତର ବିଷୟ ସେମାନଙ୍କୁ ଜଣାଇଥିଲେ । ''ତଥାପି ଆତ୍ମାମାନେ ଯେ ତୁମ୍ଭମାନଙ୍କର ବଶୀଭୂତ ଅଟନ୍ତି, ଏଥିରେ ଆନନ୍ଦ କର ନାହିଁ, କିନ୍ତୁ ତୁମ୍ଭମାନଙ୍କ ନାମ ଯେ ସ୍ୱର୍ଗରେ ଲେଖାଅଛି, ଏଥିରେ ଆନନ୍ଦ କର ।'' (୨ୟ ପଦ)

ଅନେକ ମହାନ ଓ ଆଶ୍ଚର୍ଯ୍ୟକର୍ମ କରିବା ଠାରୁ ଶ୍ରେଷ୍ଠତର ବିଷୟ ଅଛି ବୋଲି ଯୀଶୁ ସେମାନଙ୍କୁ ଜଣାଇଥିଲେ । ତାହା ହେଲା, ପ୍ରତ୍ୟେକ ବିଶ୍ୱସ୍ତ

ଖ୍ରୀଷ୍ଟିୟାନମାନଙ୍କ ନାମ ଜୀବଗ୍ରନ୍ଥ ଅର୍ଥାତ୍ ପବିତ୍ର ନଗରୀ ସ୍ୱର୍ଗରେ ଲିଖିତ ହୋଇଅଛି । ପ୍ରେରିତ ଯୋହନ ଲେଖନ୍ତି, ''କୌଣସି ଅଶୁଚି ବିଷୟ କିଅବା ଘୃଣ୍ୟକର୍ମକାରୀ ଓ ମିଥ୍ୟାଚାରୀ କେହି ସେଥିରେ କଦାପି ପ୍ରବେଶ କରିବ ନାହିଁ । କେବଳ ଯେଉଁମାନଙ୍କ ନାମ ମେଷଶାବକଙ୍କ ଜୀବନପୁସ୍ତକରେ ଲିଖିତ ଅଛି, ସେମାନେ ପ୍ରବେଶ କରିବେ ।'' (ପ୍ର.ବା. ୨୧:୨୭)

ଆମ୍ଭମାନଙ୍କ ପ୍ରତ୍ୟେକଙ୍କ ନାମ ଜୀବଗ୍ରନ୍ଥରେ ଲିଖିତ ହୋଇଥିବାର ଅର୍ଥ ଏହି କି ଯେ, ସେ ଆମ୍ଭମାନଙ୍କୁ ଜାଣନ୍ତି । ସେ ମୋଶାଙ୍କୁ କହିଲେ,''.....ଆମ୍ଭେ ନାମ ଦ୍ୱାରା ତୁମ୍ଭକୁ ଜାଣୁ ।'' (ଯାତ୍ରା ୩୩:୧୭) । ଯୀଶୁ ଆପଣାକୁ ''ଉତ୍ତମ ମେଷଶାବକ'' ବୋଲି କହନ୍ତି । ଉତ୍ତମ ମେଷପାଳକ ନାମ ଧରି ଆପଣା ମେଷମାନଙ୍କୁ ଡାକନ୍ତି । (ଯୋହନ ୧୦:୩) ପ୍ରେରିତ ପାଉଲ ଆପଣା ସହକର୍ମଚାରୀମାନଙ୍କ ନାମ ''ଜୀବଗ୍ରନ୍ଥ''ରେ ଲିଖିତ ଅଛି ବୋଲି ଫିଲିପ ୪:୩ ପଦରେ ଲେଖିନ୍ତି । ସାର୍ଦ୍ଦୀରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ଯୀଶୁଖ୍ରୀଷ୍ଟ କହିଲେ,''ତଥାପି ଯେଉଁମାନେ ଅପାଣା ଅପାଣା ବସ୍ତ୍ର ମଳିନ କରିନାହାନ୍ତି, ତୁମ୍ଭମାନଙ୍କ ମଧ୍ୟରେ ସାର୍ଦ୍ଦୀରେ ଏପରି କେତେକ ଲୋକ ଅଛନ୍ତି, ସେମାନେ ଶୁକ୍ଳବସ୍ତ୍ର ପରିହିତ ହୋଇ ଆମ୍ଭ ସଙ୍ଗରେ ଗମନାଗମନ କରିବେ, କାରଣ ସେମାନେ ଯୋଗ୍ୟ । ଯେ ଜୟ କରେ ସେ ଏହି ପ୍ରକାରେ ଶୁକ୍ଳ ବସ୍ତ୍ର ପରିହିତ ହେବ, ଆଉ ଆମ୍ଭେ ଜୀବନପୁସ୍ତକରୁ ତାହାର ନାମ କୌଣସି ଲୋପ ନ କରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁ ।'' (ପ୍ର:ବା: ୩:୩-୪)

ସଦାପ୍ରଭୁ ଆମ୍ଭମାନଙ୍କୁ ନାମ ଦ୍ୱାରା ଜାଣନ୍ତି, ଅର୍ଥାତ୍ ପରିତ୍ରାଣ ସାମୂହିକ ଦାନ ନୁହେଁ, କିନ୍ତୁ ବ୍ୟକ୍ତିଗତ । ଜୀବଗ୍ରନ୍ଥରେ ଦେଶ, ପରିବାର, ମଣ୍ଡଳୀମାନଙ୍କ ଉଲ୍ଲେଖିତ କରାଯାଏ ନାହିଁ, ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନାମ ଲେଖାଯାଏ । ପରିତ୍ରାଣପ୍ରାପ୍ତ ହେବା ଲୋକେ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି, କିନ୍ତୁ ପରିତ୍ରାଣ ପ୍ରାପ୍ତ ବ୍ୟକ୍ତିମାନଙ୍କ ବିଶ୍ୱାସ, ଆଜ୍ଞାବହତା, ବିଶ୍ୱସ୍ତତା ଉପରେ ନିର୍ଭର କରେ । (୧ମ ପିତର ୧:୨୨) । ଏକ ବ୍ୟକ୍ତିଙ୍କ ପରିବାରର ନାମ କିଅବା ମଣ୍ଡଳୀର ନାମ ପୁସ୍ତକରେ ଲିଖିତ ହେବା ଦ୍ୱାରା ନୁହେଁ, କିନ୍ତୁ ତାହାଙ୍କ ସୁନାମ ଜୀବଗ୍ରନ୍ଥରେ ଲିଖିତ ହେଲେ, ସେ ବ୍ୟକ୍ତି ସ୍ୱର୍ଗର

ଗୃହୀତ ହେବେ । ମେଷଶାବକଙ୍କ ଜୀବଗ୍ରନ୍ଥରେ ଖ୍ରୀଷ୍ଟିୟାନମାନଙ୍କ ନାମ ସଂକ୍ଷିପ୍ତରେ ଲିଖିତ ହୋଇଅଛି । କାରଣ, ''ପ୍ରଭୁ ଆପଣା ଲୋକମାନଙ୍କୁ ଜାଣନ୍ତି ( ୨ ତୀମଥି ୨ : ୧ ୯ ) । ଜୀବଗ୍ରନ୍ଥରେ କୌଣସି ନାମ ଭ୍ରାନ୍ତ ଭାବେ ଲେଖା ହୋଇନାହିଁ, କିଅବା ଯେଉଁମାନଙ୍କ ନାମ ଲିଖିତ ହେବା ଆବଶ୍ୟକ ସେମାନଙ୍କ ନାମ ଲୋପ କରାଯାଏ ନାହିଁ । ଏହି ଜଗତରେ କେବଳ ଦୁଇ ପ୍ରକାର ବର୍ଗର ବ୍ୟକ୍ତି ଅଛନ୍ତି । ପ୍ରଥମ ବର୍ଗ ଲୋକେ ପୁନର୍ଜନ୍ମ ପ୍ରାପ୍ତ ଓ ଯେଉଁମାନେ ପୁନର୍ଜନ୍ମ ପ୍ରାପ୍ତ ନୁହନ୍ତି । ପ୍ରଥମ ବର୍ଗର ଲୋକେ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଓ ଅନ୍ୟମାନେ ମଣ୍ଡଳୀରେ ଅର୍ନ୍ତଭୁକ୍ତ ନୁହନ୍ତି । ପ୍ରଥମ ବର୍ଗର ଲୋକେ ପାପକ୍ଷମା ପ୍ରାପ୍ତ ଓ ଅନ୍ୟମାନଙ୍କ ପାପରେ ଜୀବନଯାପନ କରନ୍ତି । ପ୍ରଥମ ବର୍ଗର ବ୍ୟକ୍ତିମାନଙ୍କ ନାମ ଜୀବଗ୍ରନ୍ଥରେ ଲିଖିତ ଓ ଅନ୍ୟମାନଙ୍କ ନାମ ଜୀବଗ୍ରନ୍ଥରେ ଅର୍ନ୍ତଭୁକ୍ତ ନୁହେଁ ।

ପୁନର୍ଜନ୍ମ ପାଇବା ସମୟରେ ଖ୍ରୀଷ୍ଟିୟାନମାନଙ୍କ ନାମ ଜୀବଗ୍ରନ୍ଥରେ ଲିଖିତ ହୁଏ । (ଯୋହନ ୩: ୧ ୭, ୧ ମ ପିତର ୧ : ୨ ୩;ଗାଲାତୀ ୩: ୨ ୬) । ଆମ୍ଭେମାନେ ଏହି ଜଗତରେ ପବିତ୍ର ବାଇବଲର ଅନୁସରଣ କଲେ, ସ୍ୱର୍ଗର ଜୀବଗ୍ରନ୍ଥରେ ସ୍ଥାନ ପାଇପାରିବା ।

ଥରେ ଲେଖାଯିବା ନାମ ବିଲୁପ୍ତ ହେବାର ସମ୍ଭାବନା ଅଛି । ଯେଉଁମାନେ ଏହି ଜଗତରେ ବିଶ୍ୱସ୍ତ ଜୀବନଯାପନ କରନ୍ତି ସେମାନଙ୍କ ନାମ ଜୀବଗ୍ରନ୍ଥରେ କେବେ ବି ବିଲୁପ୍ତ ହେବ ନାହିଁ । ବାକ୍ୟ ଆମ୍ଭମାନଙ୍କ ସତର୍କ କରି କହେ, ''ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ ।'' (ପ୍ରଃବା ୨ ୨ : ୧ ୯ ) । ପ୍ରେରିତ ଯୋହନ ଶେଷ ବିଚାର ଦିନ ଦର୍ଶନରେ ଦେଖି ବର୍ଣ୍ଣନା କରି କହନ୍ତି, ''ତତ୍ପରେ ମୁଁ ଗୋଟିଏ ବୃହତ ଶ୍ୱେତବର୍ଣ୍ଣ ସିଂହାସନ ଓ ତଦ୍‌ପବିଷ୍ଟ ବ୍ୟକ୍ତିକି ଦର୍ଶନଙ୍କୁ ଦର୍ଶନ କଲି, ତାହାଙ୍କ ସମ୍ମୁଖରୁ ପୃଥିବୀ ଓ ଆକାଶମଣ୍ଡଳ ପଳାୟନ କଲା, ସେମାନଙ୍କ ନିମନ୍ତେ ଆଉ ସ୍ଥାନ ମିଳିଲା ନାହିଁ । ପୁଣି ମୁଁ କ୍ଷୁଦ୍ର ଓ ମହାନ୍ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହେବାର ଦେଖିଲି, ଆଉ ପୁସ୍ତକ ସବୁ

ଫିଟାଗଲା, ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ, ପୁଣି ସେମାନେ ପ୍ରତ୍ୟେକେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ତତ୍ପରେ ମୃତ୍ୟୁ ଓ ପାତାଳକୁ ଅଗ୍ନିମୟ ହ୍ରଦରେ ପକାଗଲା । ଏହି ମୃତ୍ୟୁ, ଅର୍ଥାତ୍ ଅଗ୍ନିମୟ ହ୍ରଦ, ଦ୍ୱିତୀୟ ମୃତ୍ୟୁ, ଯାହାର ନାମ ଜୀବନପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା ।'' (ପ୍ର.ବା. ୨୦:୧୧-୧୫)

**- David Pharr**

❋ ❋ ❋

# ଯିହୋବା-ଯିରି (ସଦାପ୍ରଭୁ ଯୋଗାଇବେ)

## Jehovah-Jireh (The Lord will provide)

ଶଲୋମନ ରାଜାଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ଅବଶାଲମଙ୍କ ରାଜୁତି ସମୟରେ ଇଶ୍ରାଏଲ୍ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହେଲା । ଉତ୍ତର ଦେଶ ଅର୍ଥାତ୍ ଇଶ୍ରାଏଲ୍ ରାଜ୍ୟ ଓ ଦକ୍ଷିଣ ରାଜ୍ୟ ଯିହୂଦା ରାଜ୍ୟ । ଦକ୍ଷିଣ ରାଜ୍ୟ-ଯିହୂଦା ରାଜ୍ୟର ସର୍ବମୋଟ ୨୧ ରାଜାମାନଙ୍କ ମଧ୍ୟରୁ ୮ ଜଣ ଉତ୍ତମ ଭାବେ ଇଶ୍ରାଏଲ୍ ଦେଶକୁ ପରିପାଳନ କରିଥିଲେ । ଅବଶିଷ୍ଟାଂଶ ରାଜାମାନେ ସଦାପ୍ରଭୁଙ୍କ ମାର୍ଗରେ ନ ଚାଲି, ତାହାଙ୍କ କ୍ରୋଧ ପାତ୍ର ହେଲେ, ଇଶ୍ରାଏଲ୍ ରାଜ୍ୟର ୧୯ ରାଜାମାନଙ୍କ ମଧ୍ୟରୁ ଜଣେ ମଧ୍ୟ ସଦାପ୍ରଭୁଙ୍କ ସନ୍ତୋଷ ପାତ୍ର ନ ଥିଲେ ।

ଇଶ୍ରାଏଲର ସପ୍ତମ ରାଜା ଆହବ, ସୀଦୋନୀୟମାନଙ୍କ ଇଟ୍‌ବାଲ ରାଜାର କନ୍ୟା ଇଷେବେଲଙ୍କୁ ବିବାହ କଲେ ଓ ବାଲ ଦେବତାର ପୂଜକ ହେଲେ ।

ବାଲ ଓ ଆଶେର ଦେବମାନଙ୍କ ଦେବପୂଜକ ଆହବ ପ୍ରତି ସଦାପ୍ରଭୁଙ୍କ କ୍ରୋଧ ପ୍ରଜ୍ୱଳିତ ହେଲା । ସେ ତିନିମାସ ଓ ଛଅମାସ ପର୍ଯ୍ୟନ୍ତ ଇଶ୍ରାଏଲ୍ ଦେଶରେ ବୃଷ୍ଟି ନୋହିଲା, କିନ୍ତୁ ଏହି ଅନାବୃଷ୍ଟି ସମୟରେ ସେ ଆପଣା ଭାବବାଦୀ ଏଲିୟଙ୍କ

ତତ୍ତ୍ୱବୋଧନ କଲେ, ଖାଦ୍ୟ, ପାନୀୟର ଯୋଗାଡ଼ କଲେ । ବୃଷ୍ଟି ନ ଥିବାରୁ, ଫସଲ ନୋହିଲା ଓ ଖାଦ୍ୟର ଅଭାବ ହେଲା । ଏହି ଦୁର୍ଭିକ୍ଷର ସମୟରେ ସଦାପ୍ରଭୁ ଏଲିୟଙ୍କୁ କହିଲେ, ''.....ତୁମ୍ଭେ ଏଠାରୁ ଯାଇ ପୂର୍ବଦିଗକୁ ଫେରି ଯର୍ଦ୍ଦନ ସମ୍ମୁଖସ୍ଥ କରୀତ୍ ନଦୀ ନିକଟରେ ଆପଣାକୁ ଲୁଚାଅ । ସେ ସ୍ଥାନରେ ତୁମ୍ଭେ ନଦୀରୁ ପାନ କରିବ ଓ ଖାଦ୍ୟ ଯୋଗାଇବା ନିମନ୍ତେ ଆମ୍ଭେ କାକମାନଙ୍କୁ ଆଜ୍ଞା ଦେଇଅଛୁ । ......ପୁଣି କାକମାନେ ପ୍ରାତଃକାଳରେ ରୋଟୀ ଓ ମାଂସ, ପୁଣି ସନ୍ଧ୍ୟାବେଳେ ରୋଟୀ ଓ ମାଂସ ତାଙ୍କ ପାଇଁ ଆଣିଲେ, ପୁଣି ସନ୍ଧ୍ୟାବେଳେ ରୋଟୀ ଓ ମାଂସ ତାଙ୍କ ପାଇଁ; ଆଉ ସେ ନଦୀରୁ ପାନ କଲେ ।'' (୧ମ ରାଜାବଳୀ ୧୭:୨-୬)

ଜ୍ଞାନୀ ଶଲୋମନ କହନ୍ତି,''ସଦାପ୍ରଭୁ ଧାର୍ମିକର ପ୍ରାଣକୁ କ୍ଷୁଧାରେ କ୍ଷୀଣ ହେବାକୁ ଦେବେ ନାହିଁ .......'' (ହିତ ୧୦:୩) । ''ପୁଣି, ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।'' (ଫିଲିପ ୪:୧୯)

ଆମ୍ଭମାନଙ୍କ ଆଦିପିତା ଅବ୍ରାହାମଙ୍କୁ, ତାହାଙ୍କ ପୁତ୍ର ଇସ୍‌ହାକଙ୍କ ବଦଳେ ମୋରିୟା ଦେଶସ୍ଥ ପର୍ବତ ଉପରେ ବଳି ଦେବା ନିମନ୍ତେ ଏକ ବଦ୍ଧଶୃଙ୍ଗ ମେଷ ସଦାପ୍ରଭୁ ଯୋଗାଇଥିଲେ । ''ପୁଣି ଅବ୍ରାହମ ସେହି ସ୍ଥାନର ଯିହୋବା-ଯିରୀ (ସଦାପ୍ରଭୁ ଯୋଗାଇବେ) ରଖିଲେ । ଏଣୁ କରି ଆଜିଯାଏଁ ଲୋକେ କହନ୍ତି, ପର୍ବତରେ ସଦାପ୍ରଭୁ ଯୋଗାଇବେ ।'' (ଆଦି ୨୨:୧୪) ମିସର ଦାସତ୍ୱରୁ ମୁକ୍ତ ଇଶ୍ରାଏଲ୍ ଜାତିକୁ ଅରଣ୍ୟରେ ୪୦ ବର୍ଷ ପର୍ଯ୍ୟନ୍ତ ମାନ୍ନା ଦେଇ ପୋଷଣ କରିଥିଲେ, ପ୍ରସ୍ତରରୁ ଜଳ ଯୋଗାଇଥିଲେ ।

ଯୀଶୁଖ୍ରୀଷ୍ଟ କହିଲେ, ''.....କାରଣ ତୁମ୍ଭମାନଙ୍କର କଅଣ ପ୍ରୟୋଜନ, ମାଗିବା ପୂର୍ବରୁ ତୁମ୍ଭମାନଙ୍କର ପିତା ଈଶ୍ୱର ତାହା ଜାଣନ୍ତି ।'' (ମାଥିଉ ୬:୮) । ଆମ୍ଭମାନଙ୍କ ଆଦିପିତା ଆଦମ ଓ ଆଦିମାତା ହବାଙ୍କୁ ସୃଷ୍ଟି କରିବା ପୂର୍ବରୁ ସେମାନଙ୍କ ଆବଶ୍ୟକୀୟ ବିଷୟ ସବୁ ଛଅଦିନରେ ସୃଷ୍ଟି କରିଥିଲେ । ଏଥି ନିମନ୍ତେ ଆମ୍ଭେମାନେ କଅଣ ଖାଇବା ଓ କଅଣ ପିଇବା ସେ ବିଷୟରେ ଚିନ୍ତିତ ନ ହେଉ । (ମାଥିଉ

୬:୨୫-୩୪ ଓ ଲୂକ ୧୨:୬-୮) ରାଜା ଦାଉଦ ଗାଆନ୍ତି, ''ସମସ୍ତଙ୍କର ଚକ୍ଷୁ ତୁମ୍ଭ ଅପେକ୍ଷାରେ ଥାଏ, ତୁମ୍ଭେ ଅପାଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନାପୂର୍ଣ୍ଣ କରୁଅଛୁ । ...... ସବୁ ପ୍ରାଣୀକି ଆହାର ଦିଅନ୍ତି ସେ, କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।'' (ଗୀତ ୧୪୫:୧୫,୧୬ ଓ ୧୩୬:୨୫)

ସଦାପ୍ରଭୁ ଦୁର୍ଭିକ୍ଷ ସମୟରେ ଏଲିୟକୁ ପ୍ରୟୋଜନୀୟ ଖାଦ୍ୟ ଯୋଗାଇବା ସଦୃଶ୍ୟ, ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବେ । ବାକ୍ୟ କହିଲେ. ଏଲିୟ ''.....ଯାଇ ସଦାପ୍ରଭୁଙ୍କ ବାକ୍ୟାନୁସାରେ କର୍ମ କଲେ ।'' (୧ମ ରାଜାବ. ୧୭:୫) ''ଧାର୍ମିକ ଲୋକଙ୍କ ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ । (ଯାକୁ. ୫:୧୬) ।

ଏଲିୟ ବାସ କରୁଥିବା ପ୍ରଦେଶର ଝରଣା କିଛି ଦିନ ପରେ ଶୁଷ୍କ ହୋଇଗଲା ସଦାପ୍ରଭୁ ତାହାଙ୍କୁ କହିଲେ, ''.....ଉଠ, ସୀଦୋନର ସାରିଫତ୍‌କୁ ଯାଇ ସେଠାରେ ବାସ କର । ଦେଖ, ଆମ୍ଭେ ସେଠାସ୍ଥିତ ଏକ ବିଧବା ସ୍ତ୍ରୀକି ତୁମ୍ଭକୁ ପ୍ରତିପୋଷଣ କରିବା ପାଇଁ ଆଜ୍ଞା ଦେଇଅଛୁ ।'' (୧ମ ରାଜାବଳି ୧୭:୯) । ଏଲିୟ ସାରିଫତ ନଗର ଦ୍ୱାର ନିକଟରେ ପହଞ୍ଚି ଏକ ବିଧବା କାଠ ସାଉଣ୍ଟୁଥିବା ଦେଖିଲେ । ସେ ସ୍ତ୍ରୀକୁ ପାନ କରିବା ପାଇଁ କିଛି ଜଳ ମାଗିଲେ । ଦୁର୍ଭିକ୍ଷ ସମୟରେ ପାନୀୟ ଜଳ ଦେବାରେ ନାସ୍ତି କରି ନ ଥିଲେ । ''ଏଣୁ ସେ ସ୍ତ୍ରୀ ତାହା ଆଣିବା ପାଇଁ ଯିବା ବେଳେ ସେ ତାହାଙ୍କୁ ପୁଣି ଡାକି କହିଲେ, ବିନୟ କରୁଅଛି, ମୋ ପାଇଁ ଖଣ୍ଡେ ରୋଟୀ ହାତରେ ଆଣ । ତହୁଁ ସେ କହିଲା, ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଜୀବିତ ଥିବା ପ୍ରମାଣେ ମୋ' ଠାରେ ଗୋଟିଏ ପିଠା ନାହିଁ, କେବଳ କଳସରେ ମୁଠିଏ ମଇଦା ଓ ପାତ୍ରରେ ଅଳ୍ପ ତେଲ ଅଛି; ଆଉ ଦେଖ, ମୁଁ ଦୁଇଖଣ୍ଡ କାଠ ସାଉଣ୍ଟୁଅଛି, ଯେପରି ତାହା ନେଇଯାଇ ମୋ ପାଇଁ ଓ ମୋ ପୁତ୍ର ପାଇଁ ପାକ କରି ଖାଇବୁ, ତହିଁ ଉତ୍ତାରେ ମରିବୁ । ଏଥିରେ ଏଲିୟ ତାହାଙ୍କୁ କହିଲେ, ଭୟ ନ କର, ଯାହା କହିଲ, ଯାଇ କର; ମାତ୍ର ତହିଁରୁ ପ୍ରଥମେ ମୋ ପାଇଁ ଗୋଟିଏ ସାନ ପିଠା କରି ମୋ କତିକି ଆଣ, ତହିଁ ଉତ୍ତାରେ ତୁମ୍ଭ ପାଇଁ ଓ ତୁମ୍ଭ ପୁତ୍ର ପାଇଁ କର । କାରଣ ସଦାପ୍ରଭୁ ଇସ୍ରାଏଲ୍‌ର ପରମେଶ୍ୱର ଏହି କଥା

କହନ୍ତି, ଯେ ପର୍ଯ୍ୟନ୍ତ ସଦାପ୍ରଭୁ ଭୂମିରେ ବୃଷ୍ଟି ନ ବର୍ଷାନ୍ତି, ସେଦିନ ପର୍ଯ୍ୟନ୍ତ ମଇଦା-କଳସ ଶୂନ୍ୟ ହେବ ନାହିଁ, କିଅବା ପାତ୍ରରେ ତୈଳର ଅଭାବ ହେବ ନାହିଁ । ତହିଁରେ ସେ ଯାଇ ଏଲିୟଙ୍କ ବାକ୍ୟାନୁସାରେ କଲା । ପୁଣି ସେ ଓ ଏଲିୟ ଓ ସେହି ସ୍ତ୍ରୀର ପରିଜନ ଅନେକ ଦିନ ଯାଏ ଭୋଜନ କଲେ । ଏଲିୟଙ୍କ ଦ୍ୱାରା ସଦାପ୍ରଭୁଙ୍କ କଥିତ ବାକ୍ୟାନୁସାରେ ମଇଦା-କଳସ ଶୂନ୍ୟ ହେଲା ନାହିଁ, କିଅବା ପାତ୍ରରେ ତୈଳର ଅଭାବ ହେଲା ନାହିଁ ।'' (୧ମ ରାଜାବଳି ୧୭:୯-୬)

ସଦାପ୍ରଭୁ ପରମେଶ୍ୱର ଯେ ଏହି ଭୂମି ଉପରେ ବର୍ଷା ବର୍ଷାନ୍ତି, ଏହା ଏହି ବିଜାତୀୟ ବିଧବା ଜାଣିଥିଲେ । ବୃଷ୍ଟି ନ ବର୍ଷିବା ପର୍ଯ୍ୟନ୍ତ ତାହାଙ୍କ ମଇଦା-କଳସ ଶୂନ୍ୟ ହେବ ନାହିଁ ଓ ପାତ୍ରରେ ତୈଳର ଅଭାବ ହେବ ନାହିଁ ବୋଲି ସଦାପ୍ରଭୁଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରିଥିଲେ । ସେ ଏଲିୟଙ୍କୁ ପ୍ରଥମ ପିଠା ଆଣି ଦେଇଥିଲା । ସେ ଓ ଏଲିୟ ଓ ତାହାଙ୍କ ପରିଜନ ଦୁର୍ଭିକ୍ଷ ଶେଷ ପର୍ଯ୍ୟନ୍ତ ଭୋଜନ କଲେ ।

ଦୁର୍ଭିକ୍ଷ ସମୟରେ ସାରିଫତର ବିଧବା ଆପଣା ସମସ୍ତ ପରିଜନମାନଙ୍କ ସହିତ ସନ୍ତୃପ୍ତିରେ ଭୋଜନ କରିଥିଲେ; କାରଣ ସେ ସ୍ୱର୍ଗସ୍ଥ ପିତାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କଲେ । ଏଲିୟଙ୍କ ବାକ୍ୟାନୁସାରେ କାର୍ଯ୍ୟ କରିଥିଲେ । ପ୍ରଥମ ପିଠା ସେ ସଦାପ୍ରଭୁଙ୍କ ଦାସଙ୍କୁ ଅର୍ପଣ କରିଥିଲେ । ଆମ୍ଭେମାନେ ସ୍ୱର୍ଗସ୍ଥ ପିତାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରି, ତାହାଙ୍କ ବାକ୍ୟାନୁସାରେ କାର୍ଯ୍ୟ କଲେ ଏବଂ ଆମ୍ଭମାନଙ୍କ ଜୀବନରେ ତାହାଙ୍କୁ ପ୍ରଥମ ସ୍ଥାନ ଦେଲେ ସଦାପ୍ରଭୁଙ୍କ ଦତ୍ତ ସକଳ ଆଶୀର୍ବାଦ ପ୍ରାପ୍ତ ହୋଇପାରିବା ।

**- Kabita Gootam**

❋ ❋ ❋

# ଈଶ୍ୱରଙ୍କ ସନ୍ତୋଷ ପାତ୍ର ହେବା
## (To be pleasing to God)

ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, ‘‘ମୁଁ କି ଏବେ ମନୁଷ୍ୟମାନଙ୍କର କିମ୍ବା ଈଶ୍ୱରଙ୍କର ପ୍ରିୟପାତ୍ର ହେବାକୁ ଯତ୍ନ କରୁଅଛି ? ଅବା ମନୁଷ୍ୟମାନଙ୍କୁ କି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଅଛି ? ଯଦି ମୁଁ ଏବେ ସୁଦ୍ଧା ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରୁଥାଆନ୍ତି, ତେବେ ମୁଁ ଖ୍ରୀଷ୍ଟଙ୍କର ଦାସ ହୁଅନ୍ତି ନାହିଁ ।’’ (ଗାଲାତୀ ୧:୧୦) ପ୍ରେରିତ ପାଉଲ ଏଠାରେ ଈଶ୍ୱରଙ୍କର କିଅବା ମନୁଷ୍ୟମାନଙ୍କ ସନ୍ତୋଷ ପାତ୍ର ହେବା ଉତ୍ତମତର ବୋଲି ପ୍ରଶ୍ନ କରନ୍ତି । ଅନେକେ ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରିଥାନ୍ତି । ଗାଲାତୀୟ ଖ୍ରୀଷ୍ଟଙ୍କ ମଣ୍ଡଳୀରେ କେତୋଟି ସମସ୍ୟା ଉପୁଜି ଥିବାରୁ, ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବା ଠାରୁ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଶ୍ରେୟସ୍କର ବୋଲି ଗାଲାତୀୟ ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି । ଆପଣଙ୍କ ଜୀବନରେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରୁଅଛନ୍ତି କି ମନୁଷ୍ୟମାନଙ୍କୁ !

ଥେସଲନୀକୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, ‘‘କିନ୍ତୁ ଆମ୍ଭମାନଙ୍କ ହସ୍ତରେ ସୁସମାଚାର ପ୍ରଚାରର ଭାର ସମର୍ପିତ ହେବା ନିମନ୍ତେ ଆମ୍ଭେମାନେ ଯେରୂପେ ଈଶ୍ୱରଙ୍କ କର୍ତ୍ତୃକ ଯୋଗ୍ୟ ଗଣିତ ହୋଇଅଛୁ, ସେହିରୂପେ ଆମ୍ଭେମାନେ ପ୍ରଚାର କରୁ, ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତାହା କରୁନାହୁଁ, ବରଂ ଆମ୍ଭମାନଙ୍କ ହୃଦୟର ପରୀକ୍ଷକ ଯେ ଈଶ୍ୱର ତାହାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତାହା କରୁ ତୁମ୍ଭେମାନେ ଜାଣ ଯେ, ଆମ୍ଭେମାନେ କୌଣସି ସମୟରେ ଚାଟୁବାଦ ବ୍ୟବହାର କରିନାହୁଁ, ଅବା ଲୋଭ ଗୁପ୍ତ କରିବା ନିମନ୍ତେ ଛଳନା କରିନାହୁଁ, ଈଶ୍ୱର ଏଥିର ସାକ୍ଷୀ ।’’ (୧ମ ଥେସ ୨:୪-୫) । ସୁସମାଚାର ପ୍ରଚାର କରିବାର ଭାର ତାହାଙ୍କ ଉପରେ ନ୍ୟସ୍ତ ଥିବାରୁ, ସେ ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବାକୁ କଥା ନ କହି ବରଂ ଈଶ୍ୱରଙ୍କୁ ସନ୍ତୁଷ୍ଟଜନକ କଥା କହୁଅଛନ୍ତି ବୋଲି ଏଠାରେ ସ୍ପଷ୍ଟ କରନ୍ତି । ସେ ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ ନ କରି ବରଂ ଈଶ୍ୱରଙ୍କ ସତ୍ୟ ତାହାଙ୍କ ଇଚ୍ଛାନୁସାରେ ପ୍ରକାଶ କରୁଅଛନ୍ତି ବୋଲି ସେ ଥେସଲନୀକୀ ମଣ୍ଡଳୀକୁ ଲେଖନ୍ତି । ତାହାଙ୍କ ଲକ୍ଷ୍ୟ ତୁ

ଅର୍ଥଲୋଭ କିଅବା ଅନ୍ୟ କିଛି ନ ଥିଲା । ଆପଣ କି ଈଶ୍ବରଙ୍କ ସନ୍ତୋଷଜନକ ବାର୍ତ୍ତା ପ୍ରକଟ କରୁଅଛନ୍ତି ? ଆପଣଙ୍କ ବାକ୍ୟ ପ୍ରଚାରର ମୁଖ୍ୟ ଉଦ୍ଦେଶ୍ୟ କଅଣ ?

ପବିତ୍ର ଓ ନିଷ୍କଳଙ୍କ ଜୀବନଯାପନ କରି ତାହାଙ୍କୁ ସନ୍ତୁଷ୍ଟ କରି ସନ୍ତୋଷ ପାତ୍ର ହେଉ । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକି ଲେଖନ୍ତି, "ଅତଏବ, ହେ ଭାଇମାନେ, ଅବଶେଷରେ କି ପ୍ରକାରରେ ଆଚରଣ କରି ଈଶ୍ବରଙ୍କୁ ସନ୍ତୁଷ୍ଟ କରିବା ଉଚିତ, ସେ ସମ୍ବନ୍ଧରେ ତୁମ୍ଭେମାନେ ଆମ୍ଭମାନଙ୍କର ଠାରୁ ଯେ ପ୍ରକାର ଶିକ୍ଷା ପ୍ରାପ୍ତ ହେଲ, ଆଉ ତୁମ୍ଭେମାନେ ମଧ୍ୟ ଯେ ପ୍ରକାରେ ଆଚରଣ କରୁଅଛ, ତଦନୁସାରେ ଆହୁରି ଅଧିକ ଅଗ୍ରସର ହେବା ନିମନ୍ତେ ଆମ୍ଭେମାନେ ପ୍ରଭୁଯୀଶୁଙ୍କ ନାମରେ ତୁମ୍ଭମାନଙ୍କୁ ଅନୁରୋଧ କରି ଉତ୍ସାହ ଦେଉଅଛୁ । ଆମ୍ଭେମାନେ ପ୍ରଭୁଯୀଶୁଙ୍କ ଦ୍ବାରା ତୁମ୍ଭମାନଙ୍କୁ କି ଆଦେଶ ଦେଇଥିଲୁ, ତାହା ତ ତୁମ୍ଭେମାନେ ଜାଣ, କାରଣ ତୁମ୍ଭେ ଯେପରି ପବିତ୍ର ହୁଅ, ଏହା ହିଁ ଈଶ୍ବରଙ୍କ ଇଚ୍ଛା, ଅର୍ଥାତ୍ ତୁମ୍ଭେମାନେ ଯେପରି ବ୍ୟଭିଚାରରୁ ପୃଥକ ରୁହ, ଆଉ ଯେପରି ଈଶ୍ବରଙ୍କ ସମ୍ବନ୍ଧରେ ଅଜ୍ଞ ବିଜାତିମାନଙ୍କ ପରି କାମାଭିଳାଷୀ ନ ହୋଇ ପ୍ରତ୍ୟେକେ ପବିତ୍ର ଓ ସମାଦର ଭାବରେ ଆପଣା ଆପଣା ନିମନ୍ତେ ଭାର୍ଯ୍ୟା ଗ୍ରହଣ କରିବାକୁ ଜାଣ । ପୁଣି, ଏ ବିଷୟରେ ସୀମା ଅତିକ୍ରମ କରି ଆପଣା ଭାଇଙ୍କୁ ପ୍ରବଞ୍ଚନା ନ କରେ, ଯେଣୁ ପ୍ରଭୁ ଏ ବିଷୟରେ ଦଣ୍ଡଦାତା, ଯେପରି ଆମ୍ଭେମାନେ ପୂର୍ବେ ମଧ୍ୟ ତୁମ୍ଭମାନଙ୍କୁ ଜଣାଇ ସାକ୍ଷ୍ୟ ଦେଇଅଛୁ, କାରଣ ଈଶ୍ବର ଆମ୍ଭମାନଙ୍କୁ ଅଶୁଚିତାରେ ଜୀବନଯାପନ କରିବା ନିମନ୍ତେ ଆହ୍ବାନ ନ କରି ପବିତ୍ର ହେବା ନିମନ୍ତେ ଆହ୍ବାନ କରିଅଛନ୍ତି । ଅତଏବ, ଯେ ଅଗ୍ରାହ୍ୟ କରେ, ସେ ମନୁଷ୍ୟକୁ ଅଗ୍ରାହ୍ୟ କରେ ନାହିଁ, ମାତ୍ର ଯେଉଁ ଈଶ୍ବର ତୁମ୍ଭମାନଙ୍କର ଅନ୍ତରରେ ଆପଣା ପବିତ୍ର ଆତ୍ମା ପ୍ରଦାନ କରନ୍ତି, ତାହାଙ୍କୁ ଅଗ୍ରାହ୍ୟ କରେ ।" (୧ମ ଥେସ ୪:୧-୮)

ଆମ୍ଭେମାନେ ଏପରି ଏକ ସମୟରେ ଜୀବନଯାପନ କରୁଅଛୁ ଯେ, ମନୁଷ୍ୟମାନେ ଅପାଣା ଇଚ୍ଛାନୁଯାୟୀ ଜୀବନଯାପନ କରିବା ପସନ୍ଦ କରୁଅଛନ୍ତି । ସେମାନଙ୍କ ଅପବିତ୍ରତା ଜୀବନ ସେମାନଙ୍କୁ ଈଶ୍ବରଙ୍କ ଠାରୁ ଦୂରେଇ ନେବ । ବିଷୟ ସେମାନେ ଜାଣି ମଧ୍ୟ ଅଜଣା ରହୁଅଛନ୍ତି । ଆମ୍ଭମାନଙ୍କ ଏହି ଜଗତର ବିତାଉଥିବା

ଜୀବନଶୈଳୀ ଉପରେ, ଆମ୍ଭମାନଙ୍କ ଅନନ୍ତଜୀବନ ନିର୍ଣ୍ଣିତ ହୁଏ । ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତିତ ହୁଏ ନାହିଁ । କିଅବା ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ କୌଣସି ପରିବର୍ତ୍ତନ ନାହିଁ । ''ଯୀଶୁଖ୍ରୀଷ୍ଟ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି ।'' (ଏବ୍ରୀ ୧୩:୮)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଯେପରି ଅପରିବର୍ତ୍ତନୀୟ, ତାହାଙ୍କ ବାକ୍ୟ ମଧ୍ୟ ଅପରିବର୍ତ୍ତନୀୟ । ସମୟ ବଦଳେ, ସମାଜ ବଦଳେ, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଚିରନ୍ତନ ସମାନ ଅଟେ ।

**- Mark Phillip**

* * *

## ଜ୍ଞାନରୁ ଆଶୀର୍ବାଦ ଆସେ
### (Blessing come through Knowledge)

ପରିତ୍ରାଣ ପ୍ରାପ୍ତି ନିମନ୍ତେ, ପରିତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିବା ଆବଶ୍ୟକ । ଏଥି ନିମନ୍ତେ ଈଶ୍ୱରଙ୍କ ସତ୍ୟତା ବିଷୟକ ଜ୍ଞାନ ଆବଶ୍ୟକ, ଯାହା ଦ୍ୱାରା ବିଶ୍ୱାସ ଜାତ ହୁଏ । ଆମ୍ଭେମାନେ ଜାଣିବା ଆବଶ୍ୟକୀୟ ଜ୍ଞାନ ସେ ଲିଖିତ ବାକ୍ୟରୁ ବ୍ୟକ୍ତ କରିଥିବାରୁ, ତାହାଙ୍କ ବିଷୟକ ସମ୍ପୂର୍ଣ୍ଣ ଜ୍ଞାନ ଆମ୍ଭେମାନେ ପ୍ରାପ୍ତ ହୋଇ ନ ପାରୁ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ତାହାଙ୍କ ବିଷୟକ ସମ୍ପୂର୍ଣ୍ଣ ଜ୍ଞାନ ଆବଶ୍ୟକ ନାହିଁ, କାରଣ ଆମ୍ଭମାନଙ୍କ ସୀମିତ ଜ୍ଞାନ ଦ୍ୱାରା ଅପରିମିତ ଜ୍ଞାନୀ ପରମେଶ୍ୱରଙ୍କୁ ଜ୍ଞାତ ହେବା ଅସମ୍ଭବ । ଆମ୍ଭମାନଙ୍କ ଉପରେ ତାହାଙ୍କ କୃପା ଓ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଇଚ୍ଛା ତାହାଙ୍କ ବାକ୍ୟ ଦ୍ୱାରା ପ୍ରାପ୍ତ ହୋଇପାରୁ ।

**ଜ୍ଞାନ ଦ୍ୱାରା ସଂସାରର ଅଶୁଚିତା ଠାରୁ ରକ୍ଷା ପାଉ :-** ପ୍ରେରିତ ପିତରଙ୍କ ଲେଖନୀ ଦ୍ୱାରା ଆମ୍ଭେମାନେ ସଂସାରର ଅଶୁଚିତା ଠାରୁ କିପରି ରକ୍ଷା ପାଇପାରିବା ଜାଣିପାରିବା । ''ଯେଣୁ ସେମାନେ ଯଦି ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନ ଦ୍ୱାରା ସଂସାରର ଅଶୁଚିତାରୁ ରକ୍ଷା ପାଇ ପୁନର୍ବାର ଥରେ ବନ୍ଧନରେ ଆବଦ୍ଧ ହୋଇ ପରାସ୍ତ ହୁଅନ୍ତି, ହେଲେ ସେମାନଙ୍କ ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ

ମନ୍ଦ ହୁଏ । କାରଣ ଧାର୍ମିକତାର ମାର୍ଗ ଜାଣି ଆପଣା ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହେବା ବରଂ ସେହି ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ ଭଲ ହୋଇଥାଆନ୍ତା ।'' (୨ୟ ପିତର ୨:୨୦-୨୧) । ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ତାହାଙ୍କ ଧାର୍ମିକତା ଜ୍ଞାତ ହୋଇ, ତାହାଙ୍କୁ ଅନୁସରଣ କରୁ ।

ସଂସାରର ଅଶୁଚିତା ଠାରୁ ରକ୍ଷା ପାଇ, ପୁନର୍ବାର ସେହି ଅଶୁଚିତାକୁ ଫେରିଗଲେ, ଖ୍ରୀଷ୍ଟିୟାନମାନେ ନିଶ୍ଚିତ ଭାବେ ବିନଷ୍ଟ ହେବେ । କିନ୍ତୁ ପୁନର୍ବାର ମନ ପରିବର୍ତ୍ତନ କରି ଖ୍ରୀଷ୍ଟଙ୍କ ନିକଟକୁ ଫେରି ଆସିଲେ ଦୟାପାତ୍ର ହେବେ । ପ୍ରଥମ ଶତାବ୍ଦୀର ଆଦିମ ମଣ୍ଡଳୀରେ କେତେକ ମଣ୍ଡଳୀ ପରିତ୍ୟାଗ କରିଥିଲେ । ସେମାନଙ୍କ ବିଷୟରେ ପ୍ରେରିତ ଯୋହନ କହନ୍ତି,''ହେ, ବତ୍ସଗଣ, ଶେଷକାଳ ଉପସ୍ଥିତି ଏବେ ମଧ୍ୟ ଅନେକ ଖ୍ରୀଷ୍ଟାରୀ ଉଠିଲେଣି, ଏତଦ୍ୱାରା ଆମ୍ଭେମାନେ ଜାଣୁଅଛୁ ଯେ ଶେଷକାଳ ଉପସ୍ଥିତ । ସେମାନେ ଆମ୍ଭମାନଙ୍କ ମଧ୍ୟରୁ ବାହାରିଗଲେ, କିନ୍ତୁ ଆମ୍ଭମାନଙ୍କ ଦଳର ଲୋକ ନ ଥିଲେ....।'' (୧ମ ଯୋହନ ୨:୧୮-୧୯) । ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ମଧ୍ୟ ଅନେକ ଖ୍ରୀଷ୍ଟଙ୍କ ଅନୁସରଣରୁ ବିମୁଖ ହୋଇଥିଲେ ।

**ଜ୍ଞାନ ବିନୁ ବିନାଶ :-** ଯେଉଁମାନେ ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ବିଷୟରେ ଅଜ୍ଞାତ ଅଟନ୍ତି, ସେମାନେ ବିନଷ୍ଟ ହେବେ । କାରଣ ପ୍ରଭୁଯୀଶୁ ଯେତେବେଳେ ଆପଣା ଶକ୍ତିମାନ ଦୂତମାନଙ୍କ ସହିତ ପ୍ରଜ୍ୱଳିତ ଅଗ୍ନି ସହ ସ୍ୱର୍ଗରୁ ପ୍ରକାଶିତ ହେବେ, ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବ ଲୋକମାନଙ୍କୁ ପ୍ରତିଫଳ ସ୍ୱରୂପ କ୍ଳେଶ ଦେବା ଓ କ୍ଳେଶ ଭୋଗ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା, ଏହା ତ ଇଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ, ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସୁସମାଚା ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ ।'' (୨ୟ ଥେସ ୧:୭-୯)

**ସମସ୍ତ ଆତ୍ମିକ ଆଶୀର୍ବାଦ ଜ୍ଞାନ ଦ୍ୱାରା ପ୍ରାପ୍ତ ହୁଏ :-** ଜୀବନ ଓ ଧର୍ମପରାୟଣତା ନିମନ୍ତେ ଆବଶ୍ୟକୀୟ ପ୍ରତ୍ୟେକ ବିଷୟ ଜ୍ଞାନ ଦ୍ୱାରା ପ୍ରାପ୍ତ ହୁଏ । ''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ

ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରନ୍ତି ।'' (୨ୟ ପିତର ୧ :୩)

**ଜ୍ଞାନ ଦ୍ୱାରା ମୁକ୍ତ ହେଉ :-** ଯୀଶୁ କହିଲେ, ''ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।'' (ଯୋହନ ୮ :୩୨) । ଜ୍ଞାନ ବିନୁ କେହି ମୁକ୍ତ ହୋଇପାରନ୍ତି ନାହିଁ । ମନୁଷ୍ୟର ପରିତ୍ରାଣ ନିମନ୍ତେ ଜ୍ଞାନ ପ୍ରାପ୍ତି ନିତାନ୍ତ ଆବଶ୍ୟକ ।

ଜ୍ଞାନର ପ୍ରାଧାନ୍ୟତା ପ୍ରେରିତ ପାଉଲ ଜ୍ଞାତ ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''ହଁ, ପ୍ରକୃତରେ ମୁଁ ମୋହର ପ୍ରଭୁ ଯୀଶୁଙ୍କ ଜ୍ଞାନର ଉତ୍କୃଷ୍ଟତା ନିମନ୍ତେ ସମସ୍ତ ବିଷୟ କ୍ଷତିଜନକ ବୋଲି ଗଣ୍ୟ କରେ......।'' (ଫିଲିପ ୩:୮)

ବାଇବଲ, ପରମେଶ୍ୱରଙ୍କ ପ୍ରକାଶିତ ସତ୍ୟର ଭର୍ଣ୍ଡାର, ପାପୀ ମନୁଷ୍ୟ ଖ୍ରୀଷ୍ଟଙ୍କ ନିକଟକୁ ଆସି ଜ୍ଞାନ ଲବ୍ଧ କରେ, ଏହି ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ବିଷୟକ ବିଶ୍ୱାସ ଜାତ ହୁଏ । ସେ ଏକମାତ୍ର ପରିତ୍ରାଣ କର୍ତ୍ତା ଅଟନ୍ତି ।

**- O.P. Baird**

❋❋❋

## ଆସି ଦେଖ

## (Come and See)

''ଫିଲିପ୍ପ ବେଥସାଇଦାର ଲୋକ ଥିଲେ, ତାହା ଆନ୍ଦ୍ରୀୟ ଓ ପିତରଙ୍କ ନଗର ଥିଲା । ଫିଲିପ ନିଥନିୟଲଙ୍କ ଦେଖା ପାଇ ତାଙ୍କୁ କହିଲେ, ଯାହାଙ୍କ ବିଷୟରେ ମୋଶା ବ୍ୟବସ୍ଥାରେ ଲେଖିଅଛନ୍ତି, ପୁଣି ଭାବବାଦୀମାନେ ମଧ୍ୟ ଲେଖିଅଛନ୍ତି, ଆମ୍ଭେମାନେ ତାହାଙ୍କର ଦେଖା ପାଇଅଛୁ, ସେ ଯୋଶେଫଙ୍କ ପୁତ୍ର ନାଜରିୟ ଯୀଶୁ ନିଥନିୟେଲ ତାଙ୍କୁ ପଚାରିଲେ, ନାଜରିତରୁ କି କୌଣସି ଉତ୍ତମ ବିଷୟ ଉତ୍ପନ୍ନ ହୋଇପାରେ ? ଫିଲିପ ତାଙ୍କୁ କହିଲେ, ଆସି ଦେଖ ।'' (ଯୋହନ ୧ :୪୪-୪୬)

ନିଥନିୟେଲଙ୍କ ମନୋଭାବକୁ ନିନ୍ଦା ନ କରୁ । କାରଣ ସେ ଏପରି ଏକ ସମୟ ଓ ସମାଜରେ ଜୀବନଯାପନ କରୁଥିଲେ, ଯେଉଁଠାରେ ମିଥ୍ୟା ଭାବବାଦୀମାନଙ୍କ

ପ୍ରଭାବ ଅଧିକ ଭାବେ ଥିଲା, ସେମାନେ କଠୋର ବିଜାତୀୟ ରୋମୀୟ ସାମ୍ରାଜ୍ୟରେ ବାସ କରୁଥିଲେ । ତୃତୀୟ, ସେମାନଙ୍କ ନେତାମାନେ ସୂନୀତିପୂର୍ଣ୍ଣ ନାଜରିତ ଠାରୁ ଈଶ୍ୱରଙ୍କ ପୁତ୍ରଙ୍କ ଆବିର୍ଭାବ ସେମାନଙ୍କ ଜ୍ଞାନାତୀତ ଥିଲା । ତେଣୁକରି ସେ ପ୍ରଶ୍ନ କଲେ, ''ନାଜରିତରୁ କି କୌଣସି ଉତ୍ତମ ବିଷୟ ଉତ୍ପନ୍ନ ହୋଇପାରେ ?'' ଅନ୍ୟମାନଙ୍କୁ ମଧ ନାଜରିତରୁ ଈଶ୍ୱରଙ୍କ ପୁତ୍ରଙ୍କ ଆବିର୍ଭାବ ଆଶ୍ଚର୍ଯ୍ୟଜନକ ଥିଲା ।

ଫିଲିପଙ୍କ ସରଳଭାବେ, ସଠିକ୍ ଭାବେ ଉତ୍ତର ଦେଇଥିଲେ, ''ଆସି ଦେଖ, ସେ କୌଣସି ପ୍ରକାର ବାଦବିବାଦ କିଅବା ଭେଦଭାବ ପ୍ରକଟ କରି ନ ଥିଲେ । ସେ ନିଜେ ଆସି ପରୀକ୍ଷା କରିବା ନିମନ୍ତେ ସେ ଆହ୍ୱାନ ଜଣାଇଥିଲେ । ଫିଲିପଙ୍କ ଉତ୍ତରରୁ ଆମ୍ଭେମାନେ କଅଣ ଶିକ୍ଷା କରୁ ?

ଆଜିର ସମାଜ ମଧ ପ୍ରକୃତ ଯୀଶୁଖ୍ରୀଷ୍ଟଙ୍କୁ ଜାଣିବାରେ ଅକ୍ଷମ, କାରଣ ଖ୍ରୀଷ୍ଟୀୟ ଜଗତ, ଖ୍ରୀଷ୍ଟଙ୍କୁ ପ୍ରଚାର ନ କରି ଆପଣା ସ୍ୱସ୍ଥାପିତ ମଣ୍ଡଳୀର ସିଦ୍ଧାନ୍ତ ପ୍ରଚାର କରୁଅଛନ୍ତି । ଏହି ବର୍ତ୍ତମାନ ସମାଜ ନୂତନ ନିୟମ ଖ୍ରୀଷ୍ଟିୟାନ ଆବଶ୍ୟକ କରେ, ଯେଉଁମାନେ କେବଳ ଖ୍ରୀଷ୍ଟଙ୍କ ପ୍ରଚାର କରିପାରିବେ ।

ବାଇବଲର କ୍ଷୁଦ୍ର ସୁସମାଚାର ପୁସ୍ତକ ମାର୍କଙ୍କ ଦ୍ୱାରା ଲିଖିତ ହୋଇଅଛି । ସେ ଜଗତର ସର୍ବଶ୍ରେଷ୍ଠ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଅତି ସରଳ ଓ ସୂକ୍ଷ୍ମ ଭାବେ ବର୍ଣ୍ଣନା କରନ୍ତି । ତାହାଙ୍କ ଦୟାପୂର୍ଣ୍ଣ କାର୍ଯ୍ୟ, ମହୋତ୍ତମ ଶିକ୍ଷା ଓ ଉଚ୍ଚସ୍ତରୀୟ ଜୀବନଶୈଳୀ ଅତୁଳନୀୟ । ତାହାଙ୍କ କାର୍ଯ୍ୟ, ପରିଚର୍ଯ୍ୟା ଐଶ୍ୱରିକତ୍ୱ ଓ ତାହାଙ୍କୁ ଦତ୍ତ ସର୍ବାଧିକାର, ସେ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପ୍ରମାଣିତ କରେ ।

**ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଆସି ଦେଖ ଓ ଜାଣ :-** ଯୀଶୁଖ୍ରୀଷ୍ଟଙ୍କ ତୁଲ୍ୟ କେହି ଅସଂଖ୍ୟ ମନୁଷ୍ୟମାନଙ୍କୁ ପ୍ରଭାବିତ କରି ନାହାନ୍ତି । ତାହାଙ୍କ ଶତ୍ରୁମାନେ ତାହାଙ୍କୁ ଘୃଣା କରୁଥିଲେ । ତାହାଙ୍କ ଅନୁଚରମାନଙ୍କ ତାହାଙ୍କ ପ୍ରତି ପ୍ରେମ, ଅନ୍ୟ ଠାରେ ଦେଖାଯାଏ ନାହିଁ । ତାହାଙ୍କ ଜୀବନରେ ଶହେ ପଚାଶ ମାଇଲରୁ ଅଧିକ ଯାତ୍ରା କରି ନ ଥିଲେ ହେଁ, ତାହାଙ୍କ ପ୍ରଭାବ ଜଗତର ଚାରିଆଡ଼େ ବିସ୍ତୃତ ଭାବେ ପ୍ରସାର ହୋଇଅଛି । ଯଦିଓ ସେ ଏକ ପୁସ୍ତକ ବି ଲେଖି ନ ଥିଲେ, ତାହାଙ୍କ ବିଷୟରେ ଅସଂଖ୍ୟ ଅସଂଖ୍ୟ ପୁସ୍ତକ ଲିଖିତ ହୋଇଅଛି ।

**ଯୀଶୁଖ୍ରୀଷ୍ଟ ଆପଣଙ୍କ ନିମନ୍ତେ କଅଣ କରିପାରିବେ, ଆସି ଦେଖ :-** ସଦାପ୍ରଭୁ ପରମେଶ୍ୱରଙ୍କ ମାନବଜାତି ପ୍ରତି ଅନୁଗ୍ରହ, ତାହାଙ୍କ ଜୀବନୀ ଜାଣିପାରୁ । ତାହାଙ୍କ ସହ ସମ୍ବନ୍ଧ ଓ ସହଭାଗିତା ଆମ୍ଭମାନଙ୍କୁ ସନ୍ଦେହ ସମୟରେ ଆଶା, କଷ୍ଟ ସମୟରେ ଧୈର୍ଯ୍ୟ, ଅନିଶ୍ଚିତାରେ ନିଶ୍ଚୟତା, ଅନ୍ଧକାରରେ ଆଲୁଅ ଦିଏ । ଅବିଶ୍ୱାସୀମାନେ ଅନିଶ୍ଚିତତାରେ ଥିବା ସମୟରେ ଆମ୍ଭେମାନେ କିପରି ଖ୍ରୀଷ୍ଟଙ୍କ ଠାରେ ଭରସା ରଖୁ, ଆସି ଦେଖ..... ।

ଆସ ଓ ଦେଖ । ସହୃଦୟରେ ଆପଣା ଆପଣା ଚକ୍ଷୁ ଖୋଲ । ଇହକାଳ ଓ ପରକାଳରେ ଆନନ୍ଦମୟ ଜୀବନଯାପନ କର ।

**- Joe C. Magee**

❋ ❋ ❋

# ଆପଣ କିପରି ଆରମ୍ଭ କରିଥିଲେ ତାହା ନୁହେଁ...

**(It is not how you start)**

"ମାତ୍ର ଧାର୍ମିକ ଲୋକ ଯେବେ ଆପଣା ଧାର୍ମିକତାରୁ ଫେରି ଅଧର୍ମ କରେ ଓ ଦୁଷ୍ଟ ଲୋକର କୃତ ସକଳ ଘୃଣାଯୋଗ୍ୟ କ୍ରିୟାନୁଯାୟୀ ଆଚରଣ କରେ, ତେବେ ସେ କି ବଞ୍ଚିବ ତାହାର କୃତ କୌଣସି ଧାର୍ମିକର୍ମ ସ୍ମରଣ କରାଯିବ ନାହିଁ, ସେ ଯେଉଁ ସତ୍ୟ ଲଂଘନ କରିଅଛି, ସେହି ସତ୍ୟ ଲଂଘନରେ ଓ ଯେଉଁ ପାପ କରିଅଛି, ତାହାର ସେହି ପାପରେ ସେ ମରିବ ।" (ଯିହିଜିକଲ ୧୮:୨୪)

ପ୍ରେରିତ ପିତର ଲେଖନ୍ତି, "କାରଣ ଧାର୍ମିକତାର ମାର୍ଗ ଜାଣି ଆପଣମାନଙ୍କ ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହେବା ଅପେକ୍ଷା ବରଂ ସେହି ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ ଭଲ ହୋଇଥାଆନ୍ତା । କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ହୋଇଥିବା ଘୁଷୁରୀ କାଦୁଅରେ ଲୋଟିବାକୁ ପୁନର୍ବାର ଫେରେ, ଏହି ସତ୍ୟ ଦୃଷ୍ଟାନ୍ତବାକ୍ୟ ସେମାନଙ୍କ ପ୍ରତି ଘଟିଅଛି ।" (୨ୟ ପିତର ୨:୨୦,୨୧)

ବାଇବଲରେ ଲିଖିତ କେତେକ ବ୍ୟକ୍ତିମାନେ ଯେଉଁମାନେ ବିଶ୍ୱସ୍ତ ଭାବେ ଆତ୍ମୀୟ ଜୀବନ ଆରମ୍ଭ କଲେ, କିନ୍ତୁ ତତ୍‌ପରେ ପତିତ ହେଲେ ।

୧) ରାଜନୀତିଜ୍ଞ କୀଶଙ୍କ ପୁତ୍ର ରାଜା ଶାଉଲ ଆପଣା ଜୀବନର ପ୍ରାରମ୍ଭ ବେଳାରେ ଏକ ନମ୍ର ଈଶ୍ୱରଙ୍କ ଦାସ ଥିଲେ । ଭାବବାଦୀ ଶାମୁୟେଲ, ତାହାଙ୍କ ବିଷୟରେ ଇଶ୍ରାଏଲ୍‌ମାନଙ୍କୁ କହିଥିଲେ, ''ଏଥିନିମନ୍ତେ ସେମାନେ ପୁନର୍ବାର ସଦାପ୍ରଭୁଙ୍କୁ ପଚାରିଲେ, କି ଆଉ କୌଣସି ଲୋକ ଏଠାକୁ ଆସିବାର ଅଛି ? ତହିଁରେ ସଦାପ୍ରଭୁ ଉତ୍ତର ଦେଲେ, ଦେଖ, ସେ ସାମଗ୍ରୀ ମଧ୍ୟରେ ଆପଣାକୁ ଲୁଚାଇ ଅଛି ।'' (ପ୍ର:ଶା ୧୦:୨୨)

ଯାବେଶ-ଗିଲୀୟଦଙ୍କ ଉପରେ ଆମ୍ମୋନୀୟମାନଙ୍କ ବିଜୟ ସମୟରେ ରାଜା ଶାଉଲ ବିଶ୍ୱାସନୀୟତା ପ୍ରକଟ କରିଥିଲେ, କିନ୍ତୁ ଅମାଲେକୀୟମାନଙ୍କୁ ବର୍ଜିତ ରୂପେ ବିନାଶ କରିବାକୁ ସଦାପ୍ରଭୁ ଦେଇଥିବା ଆଜ୍ଞା ସେ ସମ୍ପୂର୍ଣ୍ଣଭାବେ ପାଳନ କରି ନ ଥିଲେ । ସେ ଶାମୂୟେଲଙ୍କୁ କହିଥିଲେ,''....ଆମେ ପାପ କରିଅଛୁ, ତଥାପି ଏବେ ମୋହର ଗୌରବ ରଖ ଓ ମୁଁ ଯେପରି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିକଟରେ ପ୍ରଣାମ କରିବି, ଏଥିପାଇଁ ମୋ ସଙ୍ଗେ ଫେରିଆସ ।'' (୧ମ ଶାମୁୟେଲ ୧୫:୩୦), ତାହାଙ୍କ ବିଶ୍ୱସ୍ତ ଦାସ ଦାଉଦଙ୍କୁ ବାରମ୍ବାର ଆଘାତ କରିବାର ପ୍ରଚେଷ୍ଟା, ତାହାଙ୍କ ଧାର୍ମିକ ହୃଦୟ କିପରି ଦୁଷ୍ଟତାରେ ପରିବର୍ତ୍ତନ ହୋଇଥିଲା, ତାହାର ପ୍ରମାଣ ଦିଏ । ତାହାଙ୍କ ଦୁର୍ମରଣ, ତାହାଙ୍କ ପତନର ସାକ୍ଷ୍ୟ ଦିଏ । (୧ମ ଶାମୂୟେଲ ୩୧:୪) । ସଦାପ୍ରଭୁଙ୍କ ଏକ ମହାନ ଯୋଦ୍ଧା, ତାହାଙ୍କ ଆଜ୍ଞାଲଂଘନ ହେତୁ ପତିତ ହୋଇଥିଲେ ।

୨) **ଛଳ ହନନୀୟ ଓ ତାହାଙ୍କ ଭାର୍ଯ୍ୟା ଶଫୀରା :-** ମଣ୍ଡଳୀ ସ୍ଥାପନର ଆରମ୍ଭ ବେଳାରେ, ଯିରୁଶାଲମସ୍ଥ ଖ୍ରୀଷ୍ଟଙ୍କ ମଣ୍ଡଳୀ ଅନେକ ବିଷୟରେ ଅଭିବୃଦ୍ଧି ପାଇଥିଲେ । ଲୁକ ଲେଖନ୍ତି,''ବିଶ୍ୱାସକାରୀ ଲୋକ ସମୂହ ଏକଚିତ୍ତ ଓ ଏକପ୍ରାଣ ଥିଲେ, ସେମାନଙ୍କ ମଧ୍ୟରୁ କେହି ହେଲେ ଆପଣା ସମ୍ପତ୍ତି ମଧ୍ୟରୁ କିଛି ନିଜର ବୋଲି କହୁ ନ ଥିଲେ, କିନ୍ତୁ ସେମାନଙ୍କର ସମସ୍ତ ବିଷୟ ସାଧାରଣ ଥିଲା ।'' (ପ୍ରେ:କା ୪:୩୨) । ସେମାନଙ୍କ ମଧ୍ୟରୁ ବର୍ଣ୍ଣବ୍ବା ଏକ ଉତ୍ତମ ଉଦାହରଣ ଥିଲେ । (ପ୍ରେ:କା

୪:୩୬-୩୭) । ପଞ୍ଚମ ଅଧ୍ୟାୟ ୧-୧୧ ପଦରେ ଲିଖିତ ହନନୀୟ ଓ ଶଫୀରାଙ୍କ ଘଟଣାରୁ, ମଣ୍ଡଳୀରେ ଥିବା ଜାଗତିକ ଗୁଣ ବିଷୟର ଜାଣିପାରୁ । ସେମାନଙ୍କୁ ପ୍ରେରିତ ପିତାର କହିଲେ,''....ପ୍ରଭୁଙ୍କ ଆତ୍ମାଙ୍କୁ ପରୀକ୍ଷା କରିବା ନିମନ୍ତେ ତୁମ୍ଭେମାନେ କାହିଁକି ଏକ ପରାମର୍ଶ ହେଲ ? ଦେଖ, ଯେଉଁମାନେ ତୁମ୍ଭ ସ୍ୱାମୀକୁ ସମାଧି ଦେଇଅଛନ୍ତି, ସେମାନେ ଦ୍ୱାର ପାଖରେ ଉପସ୍ଥିତ ହେଲେଣି, ଆଉ ସେମାନେ ତୁମ୍ଭକୁ ବାହାରକୁ ବୋହି ନେଇଯିବେ ।'' (ପ୍ରେ:କା ୫:୯) । ମନ ପରିବର୍ତ୍ତିତ ଖ୍ରୀଷ୍ଟିୟାନମାନେ ଲୋଭୀରେ ପରିବର୍ତ୍ତିତ ହୋଇଥିଲେ ।

**୩) ସଂସାର ପ୍ରେମୀ ଦୀମା :-** ପ୍ରେରିତ ପାଉଲଙ୍କ ପରିଚର୍ଯ୍ୟାରେ ଦୀମା ତାହାଙ୍କ ଏକ ସଙ୍ଗୀ ଥିଲେ । ସେ କଲସୀ ମଣ୍ଡଳୀକୁ ଲେଖନ୍ତି, ''ପ୍ରିୟ ବୈଦ୍ୟ ଲୂକ ଓ ଦୀମା ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।'' (କଲସୀ ୪:୧୪) । ''ଖ୍ରୀଷ୍ଟ ଯୀଶୁଙ୍କ ହେତୁ ମୋହର ସହବନ୍ଦୀ ଏପାଫ୍ରା ଏବଂ ମୋହର ସହକର୍ମୀମାନେ ଯେ ମାର୍କ, ଆରିସ୍ତାର୍ଖ, ଦୀମା ଓ ଲୂକ ତୁମ୍ଭକୁ ନମସ୍କାର ଜଣାଉଅଛନ୍ତି ।'' (ଫିଲୀମୋନ ୨୪ ପଦ) କିନ୍ତୁ ତତ୍‌ପରେ ପାଉଲ, ତୀମଥିଙ୍କୁ ଲେଖନ୍ତି, ''.......ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି, ମୋତେ ପରିତ୍ୟାଗ କରିଅଛି ଓ ଥେସଲନୀକୀକୁ ଯାଇଅଛି.... ।'' (୨ ତୀମଥି ୪:୧୦) । ନୂତନ ନିୟମରେ, ଦୀମାଙ୍କ ବିଷୟରେ ଏହା ହିଁ ଶେଷ ବାକ୍ୟ.। ଆସକ୍ତି ସହ ଆତ୍ମୀୟ ଜୀବନ ଆରମ୍ଭ କରି, ପୁନର୍ବାର ଏହି କଳୁଷିତ ଜାଗତିକ ଜୀବନକୁ ଫେରିଯିବା ଦୁଃଖକର ବିଷୟ । ଆପଣ କିପରି ଆରମ୍ଭ କରିଥିଲେ, ତାହା ମୁଖ୍ୟ ନୁହେଁ, କିନ୍ତୁ କିପରି ଭାବେ ଏ ଜୀବନ ଅନ୍ତ କରବେ ତାହା ମୁଖ୍ୟ । ଯୀଶୁ କହିଲେ,''...ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବା ।'' (ପ୍ର:ବା ୨:୧୦)

**- Jimmy Clark**

❋ ❋ ❋

**Edited & Published by : Kabita & Joshua Gootam**

**Discussion :**

I. God's standard of measure.

a. Some people may have good personality and liked by men but are rejected by God (1 Sam. 16:7a)

b. God judges by the heart of man (1 Sam. 16:7c)

c. If a person does not walk in His word, he will be rejected by God (Jer. 10:23)

d. God uses his word to judge men (John. 12:48)

e. God does not use the opinion of the majority to judge men (Mark. 7: 13-14)

II. Right standard to judge others.

a. Many at the Corinthian church were judging Paul based on false accusation.

1. Paul rebuked them asking if they need letters of commendation from them (2 Cor. 3:1)

2. Some said about Paul's writing were weighty and powerful (2 Cor. 10:10)

3. Paul also addressed false teachers against him in the Church at Corinth (2 Cor. 11.22)

b. Paul wrote to them to put away their differences and be united in the same mind and judgment in the Lord (1 Cor. 1:10-11)

c. He urged them to think again before judging him as they think they are in Christ so does he (2 Cor. 10:7)

III. Right standard to compare ourselves.

a. If we judge ourselves by worldly standards and not by the Lord's standard we are setting ourselves up for failure (Php. 2:5)

b. The way of fool is right in his own eyes : but he that hearkenth unto counsel is wise (Pro. 12:15).

c. Paul wrote to the Corinthians in his defence of the things that were said of him.

1. They claimed he was walking worldly and not by the word of God hence unbecoming of an Apostle (2 Cor. 10:2)

2. Paul answered the by saying that he was boasting not by his own measure but by the measure of the rules God has given them (2 Cor. 10:13)

**Conclusion :**

1. In this sermon we have examined from scriptures :

A. God's standard of measure.

B. The Right standard of measure to judge others.

C. The Right standard of measure to compare ourselves

2. We should always have the zeal to walk in God's standard of measure

**Ronnie Gootam**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)